# ଡକ୍ଟର ଅଜିତ କୁମାର ବରିସାଲ

ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଡକ୍ଟର ଅଜିତ କୁମାର ବରିସାଲ ହେଉଛନ୍ତି ଜଣେ ସ୍ୱନାମଧନ୍ୟ ଯୁବ ବୈଜ୍ଞାନିକ। ୧୯୭୫ ମସିହା ଜୁନ୍ ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲାର କୟ୍ପ ଗ୍ରାମରେ ତାଙ୍କର ଜନ୍ମ। ସେ ୧୯୯୮ରେ ବୁର୍ଲାରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି.ଇ., ବେଙ୍ଗଲ୍ ଇଞ୍ଜିନିୟରିଂ କଲେଜରୁ ପାୱାର ସିଷ୍ଟମରେ ଏମ୍.ଇ. ଏବଂ ୨୦୧୦ରେ ଯାଦବପୁର ବିଶ୍ୱବିଦ୍ୟାଳୟରୁ ପାୱାର ସିଷ୍ଟମରେ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଛନ୍ତି। ୨୦୦୦ ମସିହାରେ ବ୍ରହ୍ମପୁରସ୍ଥିତ ଏନ୍ଆଇଏସ୍‌ଟିରେ ୪ ବର୍ଷ ଅଧ୍ୟାପନା କରି ପରେ ଭୁବନେଶ୍ୱରସ୍ଥିତ ଏସ୍ଆଇଟିରେ ଯୋଗ ଦିଅନ୍ତି। ୨୦୦୬ ରୁ ବୀର ସୁରେନ୍ଦ୍ର ସାଇ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ଭିଏସ୍ଏସ୍‌ୟୁଟି)ରେ ବରିଷ୍ଠ ଅଧ୍ୟାପକ ଭାବେ ଯୋଗଦେଇ ବର୍ତ୍ତମାନ ରିଡର ଭାବେ କର୍ମରତ ଅଛନ୍ତି।



ଡକ୍ଟର ବରିସାଲଙ୍କ ଗବେଷଣାପ୍ରସୂତ ୧୦ଟି ନିବନ୍ଧ ଜାତୀୟ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲମାନଙ୍କରେ ପ୍ରକାଶିତ ହେବା ସାଙ୍ଗକୁ ୯ଟି ନିବନ୍ଧ ବିଭିନ୍ନ ସମ୍ମିଳନୀରେ ଉପସ୍ଥାପିତ ହୋଇଛି। ୪ରୁ ଅଧିକ ନିବନ୍ଧ ପ୍ରକାଶ ଅପେକ୍ଷାରେ ରହିଥିବାବେଳେ ଡକ୍ଟର ବରିସାଲ ପାୱାର ସିଷ୍ଟମର ବିଭିନ୍ନ ବିଭାବ ଉପରେ ଗବେଷଣା ଜାରି ରଖିଛନ୍ତି। ଗବେଷଣା ସାଙ୍ଗକୁ ବି.ଟେକ୍., ଏମ୍.ଟେକ୍. ଓ ଗବେଷକ ଛାତ୍ରଙ୍କ ପାଇଁ 'ଇଲେକ୍ଟ୍ରିକାଲ୍ ଆପାରେଟସ୍ ଲାବୋରେଟରି' ଓ 'ଆଡଭାନ୍ସଡ ସଫ୍ଟ-କମ୍ପ୍ୟୁଟିଙ୍ଗ ଲାବୋରେଟରି' ପ୍ରଭୃତି ପରୀକ୍ଷାଗାର ସ୍ଥାପନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଡକ୍ଟର ବରିସାଲ ଏକାଧିକ ବୃତ୍ତିଗତ ଅନୁଷ୍ଠାନର ଆଜୀବନ ସଦସ୍ୟ ରହିବା ସାଙ୍ଗକୁ ଏନ୍‌ସିସି, ବିଭିନ୍ନ ପ୍ରକାର କ୍ରୀଡ଼ା ଓ ଆନୁଷଙ୍ଗିକ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଡକ୍ଟର ବରିସାଲ କେତେକ ଆନ୍ତର୍ଜାତିକ ଗବେଷଣା ପତ୍ରିକାର ସମୀକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କର ଏକ ନିବନ୍ଧ କେନ୍ଦ୍ର ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ଶ୍ରେଷ୍ଠ ନିବନ୍ଧ ରୂପେ ପୁରସ୍କୃତ ହୋଇଛି। ଗବେଷଣାରେ କୃତିତ୍ୱ ପାଇଁ 'ଆଇଇଆଇ ୟଙ୍ଗ୍ ଇଞ୍ଜିନିୟରସ୍ ଆୱାର୍ଡ ୨୦୧୦-୧୧'ରେ ସମ୍ମାନିତ ହୋଇଛନ୍ତି। ଛାତ୍ର ଜୀବନରେ 'ନ୍ୟାସନାଲ୍ ଟାଲେଣ୍ଟ ସର୍ଚ୍ଚ ସ୍କଲରଶିପ୍' ଓ 'ଜିନ୍ଦଲ ଟ୍ରଷ୍ଟ ସ୍କଲରଶିପ୍' ହାସଲ ତାଙ୍କ କୃତିତ୍ୱର ଅନ୍ୟତମ ଉଦାହରଣ।

ସ୍ୱଳ୍ପକାଳର ଗବେଷଣା ଜୀବନରେ ଅର୍ଜିଥିବା ଉଲ୍ଲେଖନୀୟ କୃତିତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ଡକ୍ଟର ବରିସାଲଙ୍କୁ ଇଞ୍ଜିନିୟରିଂ ଓ ଟେକ୍ନୋଲଜି ବିଭାଗରେ **"ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର"** ପ୍ରଦାନ କରିବା ସାଙ୍ଗକୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

***